# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**19th August – 2025**

**News Editor : Itishree Singh Rathaur**

**********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର କ୍ୟାବିନେଟରେ ୬ ଲେନ୍‌ବିଶିଷ୍ଟ ଭୁବନେଶ୍ୱର ବାଇପାସ୍‌କୁ ମିଳିଲା ମଞ୍ଜୁରୀ

— ୧୧୦ କିଲୋମିଟର ଦୀର୍ଘ ସଡକ ପାଇଁ ଖର୍ଚ୍ଚ ହେବ ୮ ହଜାର ୩୦୭ କୋଟି ଟଙ୍କା

- ସଂସଦରେ ଅନୁମୋଦନ ଲାଭ କଲା ଖଣି ଏବଂ ଖଣିଜ ସଂଶୋଧନ ବିଲ୍‌-୨୦୨୫

- ଭାରତୀୟ ଶିଳ୍ପ ମହାସଂଘର ପୂର୍ବ ଭାରତ ସମ୍ମିଳନୀରେ ଯୋଗଦେଇ ଓଡ଼ିଶାରେ ନିବେଶ ପାଇଁ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

ଏବଂ

- ପୁରୀ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଛି ଶ୍ରୀଜୀଉଙ୍କ କାଳୀୟ ଦଳନ ବେଶ ଓ ଧେନୁକାସୁର ବଧ ନୀତି

# କ୍ୟାବିନେଟ୍-ରିଂ-ରୋଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଓଡ଼ିଶାରେ ୬ ଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍‌କୁ ମଞ୍ଜୁରୀ ମିଳିଛି। ଏ ନେଇ ୮ ହଜାର ୩୦୭ କୋଟି ୭୪ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ସହରରେ ଭିଡ ହ୍ରାସ ପାଇଁ ୧୧୦ କିଲୋମିଟର ଦୀର୍ଘ ରିଂ-ରୋଡ ନିର୍ମାଣ କରାଯିବ। ଫଳରେ ଗମନାଗମନରେ ସୁଧାର ଆସିବା ସହ ଆର୍ଥିକ ଓ ସାମାଜିକ ପ୍ରଗତି ତ୍ୱରାନ୍ୱିତ ହେବ। ୩ଟି ପ୍ରମୁଖ ଜାତୀୟ ରାଜପଥ ଏନ୍‌ଏଚ୍-୫୫, ଏନ୍‌ଏଚ୍-୫୭ ଓ ଏନ୍‌ଏଚ୍-୬୫୫ ଏବଂ ଗୋଟିଏ ରାଜ୍ୟ ରାଜପଥ ଏସ୍‌ଏଚ୍-୬୫କୁ ଏହି ନୂଆ ରିଂରୋଡ ସଂଯୋଗ ହେବ। ଏହି ସଡକ ପ୍ରକଳ୍ପ ନିର୍ମାଣ ହେଲେ ଭାରି ବାଣିଜ୍ୟିକ ବାହନଗୁଡ଼ିକ କଟକ-ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହର ମଧ୍ୟରେ ପ୍ରବେଶ ନ କରି ବିକଳ୍ପ ମାର୍ଗ ଦେଇ ଯାତାୟାତ କରିବ।

ପ୍ରକଳ୍ପଟି ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଯୋଜନାର ଅଂଶବିଶେଷ ବୋଲି କେନ୍ଦ୍ରମନ୍ତ୍ରୀ **ଅଶ୍ୱିନୀ ବୈଷ୍ଣବ** କହିଛନ୍ତି।

## - V/O - (ଅଶ୍ୱିନୀ ବୈଷ୍ଣବ)

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କ୍ୟାବିନେଟ୍‌ର ଏହି ନିଷ୍ପତ୍ତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସଡକ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ମାଝୀ କହିଛନ୍ତି, ଏହି

ଐତିହାସିକ ଭିତ୍ତିଭୂମି ପ୍ରକଳ୍ପ ଯୋଗାଯୋଗକୁ ସୁଦୃଢ଼ କରିବା ସହ ଓଡ଼ିଶା ଏବଂ ପୂର୍ବାଞ୍ଚଳରେ ଆର୍ଥିକ ଅଭିବୃଦ୍ଧି ଏବଂ ସମୃଦ୍ଧି ପାଇଁ ନୂତନ ରାସ୍ତା ପ୍ରଶସ୍ତ କରିବ।

## ଆରଏସ୍-ମାଇନ୍ସ ଆଣ୍ଡ ମିନେରାଲସ

ଖଣି ଏବଂ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍-୨୦୨୫ ଆଜି ରାଜ୍ୟସଭାରେ ପାରିତ ହେବା ପରେ ସଂସଦର ଅନୁମୋଦନ ଲାଭ କରିଛି। ଲୋକସଭାରେ ଏହି ବିଲ୍ ପୂର୍ବରୁ ପାରିତ ହୋଇସାରିଛି। ଏହି କ୍ଷେତ୍ରରେ କାର୍ଯ୍ୟକାରୀ ରହିଥିବା ୧୯୫୭ ଆଇନକୁ ସଂଶୋଧନ କରାଯାଇଛି। ପ୍ରଚଳିତ ଲିଜ୍‌ରେ ଅନ୍ୟ ଖଣିଜ ପଦାର୍ଥ ସାମିଲ କରିବା ପାଇଁ ଲିଜ୍‌ଧାରୀ ରାଜ୍ୟ ସରକାରଙ୍କୁ ଆବେଦନ କରିବାର ବ୍ୟବସ୍ଥା ଏହି ସଂଶୋଧିତ ଆଇନରେ ରହିଛି।

ଦେଶରେ ଖଣିଜ କ୍ଷେତ୍ରରେ ଅନୁସନ୍ଧାନ ପାଇଁ ପାଣ୍ଠି ଯୋଗାଇବା ଲକ୍ଷ୍ୟ ନେଇ ଏକ ଜାତୀୟ ଖଣିଜ ଅନୁସନ୍ଧାନ ଟ୍ରଷ୍ଟ ପ୍ରତିଷ୍ଠା କରିବାକୁ ଏହି ବିଲ୍‌ରେ ବ୍ୟବସ୍ଥା ରହିଛି। ଖଣିଜ ପଦାର୍ଥର ବିକ୍ରୟର ସୀମାକୁ ସଂଶୋଧିତ ବିଲ୍‌ରେ ପ୍ରତ୍ୟାହାର କରାଯାଇଛି।  ବିଲ୍ ଉପରେ ଆଲେଚନାର ଉତ୍ତର ଦେଇ କୋଇଲା ଓ ଖଣି ମନ୍ତ୍ରୀ ଜି.କିଶାନ ରେଡ୍ଡୀ କହିଛନ୍ତି, ଖଣି କ୍ଷେତ୍ରରେ ସରକାର ନେଇଥିବା ପଦକ୍ଷେପ ଯୋଗୁଁ କୋଇଲା ଏବଂ ଖଣିଜ ପଦାର୍ଥର ଉତ୍ପାଦନ ତ୍ୱରାନ୍ୱିତ ହୋଇଛି।

ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ କୋଇଲା ଉତ୍ପାଦକ ଏବଂ ଦ୍ୱିତୀୟ ସର୍ବବୃହତ ଉପଭୋକ୍ତାର ମାନ୍ୟତା ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର କୋଇଲା ଉତ୍ପାଦନ ପ୍ରଥମଥର ପାଇଁ ୧ ବିଲିୟନ ଟନ୍ ଅତିକ୍ରମ କରିଛି ବୋଲି ମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ତି।

## ବାୟୁସେବା

**ମାଲକାନଗିରି** ଜିଲ୍ଲା ସଦର ମହକୁମା ଚିକିତ୍ସାଳୟରେ ମୁଖ୍ୟମନ୍ତ୍ରୀ ବାୟୁସେବା ଯୋଜନାରେ ଆଜି ଦ୍ୱିତୀୟ ଦିନରେ ଅପରାହ୍ଣ ୪ଟା ସୁଦ୍ଧା ୨୯୫ ଜଣ ରୋଗୀ ପଞ୍ଜୀକରଣ କରିଥିବା ନେଇ ଆମ ସମ୍ବାଦାତା ଜଣାଇଛନ୍ତି। କଟକ ଏସ୍‌ସିବି ଏବଂ ଭୁବନେଶ୍ୱରରୁ ଆଜି ୬ ଜଣ ବିଶେଷଜ୍ଞ ଡାକ୍ତର ସ୍ୱତନ୍ତ୍ର ବିମାନ ଯୋଗେ ପହଞ୍ଚି ଚିକିତ୍ସା କରୁଛନ୍ତି।

## ଅପରେସନ୍ ଗରୁଡ

ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ **ଗଞ୍ଜାମ** ଜିଲ୍ଲାରେ 'ଅପରେସନ୍ ଅନ୍ୱେଷଣ' ଅଭିଯାନରେ ପ୍ରଥମ ଦିନରେ ୭ ଜଣ ନାବାଳକ ଏବଂ ୧୩ ଜଣ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ସେମାନଙ୍କୁ ପରିବାରକୁ ହସ୍ତାନ୍ତର କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଏହି ଅଭିଯାନ ସପ୍ତାହବ୍ୟାପୀ ଚାଲିବ ବୋଲି ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି। ପୂର୍ବରୁ  ଜିଲ୍ଲାରେ ଅପରେସନ୍ ଗରୁଡ ଅଭିଯାନ ଚଳିତ ମାସ ପହିଲାରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିଥିଲା।

## ନାମଲେଖା ପ୍ରକ୍ରିୟା

ରାଜ୍ୟର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଏକାଦଶ ଶ୍ରେଣୀରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବ। ଏ ନେଇ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଇଚ୍ଛୁକ ଛାତ୍ରଛାତ୍ରୀମାନେ ସାମ୍ସ୍ ଓଡ଼ିଶା ୱେବ୍‌ସାଇଟ୍ **www.samsodisha.gov.in** ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ।

## ଶିଳ୍ପ ମହାସଂଘ

ଓଡ଼ିଶା ଖଣିଜ ସମ୍ପଦ, ଗଭୀର ଜଳବନ୍ଦର, ଦୃଢ଼ ରେଳ ଓ ରାସ୍ତା ସଂଯୋଗୀକରଣ ଏବଂ ପ୍ରାକୃତିକ ସମ୍ବଳ ସହିତ ଏକ ଉତ୍କୃଷ୍ଟ ନିବେଶ ଯୋଗ୍ୟ ସ୍ଥାନ ଅଟେ ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ମହାରାଷ୍ଟ୍ରର ମୁମ୍ବାଇରେ ଅନୁଷ୍ଠିତ ଚତୁର୍ଥ ଭାରତୀୟ ଶିଳ୍ପ ମହାସଂଘର ପୂର୍ବ ଭାରତ ସମ୍ମିଳନୀରେ ଯୋଗଦେଇ ଶ୍ରୀ ସିଂହଦେଓ କହିଛନ୍ତି, ଓଡ଼ିଶା ସମନ୍ୱିତ ଶିଳ୍ପ ବାତାବରଣ ସହ ରପ୍ତାନୀମୁଖୀ ଉତ୍ପାଦନ କରିଡର ନିର୍ମାଣ କରୁଛି। ଏହା ମାଲ ପରିବହନ ଓ ବଜାର ପ୍ରବେଶକୁ ଆହୁରି ସୁଗମ ଓ ସହଜ କରିବ। ପୂର୍ବ ଭାରତରେ ନିବେଶ କରିବାର ଏହା ଉପଯୁକ୍ତ ସମୟ ହୋଇଥିବାରୁ ଶ୍ରୀ ସିଂହଦେଓ ଓଡ଼ିଶାରେ ନିବେଶ କରିବା ପାଇଁ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରିଛନ୍ତି।

## ଏକଲବ୍ୟ-କର୍ମଶାଳା

ଭୁବନେଶ୍ୱରସ୍ଥିତ ଆଂଚଳିକ ଶିକ୍ଷା ପ୍ରତିଷ୍ଠାନରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରାବାସ

ୱାର୍ଡେନଙ୍କ ପାଇଁ ୪ ଦିନିଆ ଦକ୍ଷତାବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ରାଜ୍ୟରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ କାର୍ଯ୍ୟରତ ୬୦ ଜଣ ଛାତ୍ରାବାସ ୱାର୍ଡେନ ଯୋଗଦେଇଥିଲେ। ବୃତ୍ତିଗତ ଦକ୍ଷତାକୁ ସୁଦୃଢ଼ କରିବା ସହ ଆବାସିକ ବିଦ୍ୟାଳୟରେ ଜନଜାତି ଛାତ୍ରଛାତ୍ରୀଙ୍କ ବିକାଶ ପାଇଁ ଏହା ବିଶେଷ ସହାୟକ ହେବ କର୍ମଶାଳାରେ ପ୍ରଶିକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ଛାତ୍ରଛାତ୍ରୀଙ୍କର ସାମଗ୍ରିକ ପରିଚାଳନା, ଶୃଙ୍ଖଳା ଏବଂ ସାମଗ୍ରିକ ମଙ୍ଗଳ ସୁନିଶ୍ଚିତ କରିବାରେ ୱାର୍ଡେନ୍‌ମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଛି।

## ରାଷ୍ଟ୍ରୀୟ ଲୋକ ଅଦାଲତ

ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ମାସ ୧୩ ତାରିଖ ଶନିବାର ଦିନ **କଟକ** ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ ଏବଂ ସମସ୍ତ ତାଲୁକ୍ ଆଇନ୍ ସେବା କମିଟି ପରିସରରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମକଦ୍ଦମାର ଆପୋଷ ସହମତିରେ ସମାଧାନ କରାଯିବ।

## ମିଶନଶକ୍ତି ବୈଠକ

**ନବରଙ୍ଗପୁର** ଜିଲ୍ଲା ମିଶନଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଶ୍ରମିକଙ୍କ ସଙ୍କଟକାଳୀନ ପ୍ରବାସକୁ ହ୍ରାସ କରିବା ସଂକ୍ରାନ୍ତୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଆଇନ୍ ୧୯୭୯ରେ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା।

## ସଂଖ୍ୟାଙ୍କାନ ବୈଠକ

**ଗଞ୍ଜାମ** ଜିଲ୍ଲା ଶିକ୍ଷା ବିଭାଗ ଜିଲ୍ଲା ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେରକେଟା ଯୋଗଦେଇ  ଛାତ୍ରଛାତ୍ରୀଙ୍କ ଭାଷା ଓ ଗଣିତ ଜ୍ଞାନର ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିକାଶ ସଂକ୍ରାନ୍ତରେ ଗୁରୁତ୍ୱାରୋପ କରିଥିଲେ।

## ଶକ୍ତିଶ୍ରୀ ଯୋଜନା

**ନୂଆପଡା** ଜିଲ୍ଲା ନ୍ୟାସନାଲ କଲେଜଠାରେ ମହିଳା ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ଯୋଜନା ଏବଂ ନୂଆପଡା ପୁଲିସ୍‌ର ବାଳିକା ସୁରକ୍ଷା ସଚେତନତା ଅଭିଯାନ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଫଟୋଗ୍ରାଫି ଦିବସ-ସମ୍ବଲପୁର

ବିଶ୍ୱ ଫଟୋଗ୍ରାଫି ଦିବସ ଉପଲକ୍ଷେ ସମ୍ବଲପୁର ସାମ୍ବାଦିକ ଭବନରେ ଏକ ଫଟୋ ପ୍ରଦର୍ଶନୀର ଆୟୋଜନ କରାଯାଇଛି। ପ୍ରଦର୍ଶନୀରେ ପୁରୁଣା ସମ୍ବାଦପତ୍ର, ଐତିହାସିକ ଫଟୋ, ପୋଟ୍ରେଟ୍ ଫଟୋଗ୍ରାଫି ଏବଂ ଟ୍ରାଭେଲ ଫଟୋଗ୍ରାଫି ପ୍ରଦର୍ଶିତ ହୋଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ପ୍ରଦର୍ଶନୀର ଉଦ୍‌ଘାଟନ କରିବା ସହ ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଥିଲେ।

## ଏକାଦଶୀ

**ପୁରୀ** ଶ୍ରୀମନ୍ଦିରରେ ଭାଦ୍ରବ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଶ୍ରୀଜୀଉଙ୍କ କାଳୀୟ ଦଳନ ବେଶ ଓ ଧେନୁକାଶୁର ବଧ ନୀତି  ଅନୁଷ୍ଠିତ ହେଉଛି। ଆଜି ମଧ୍ୟାହ୍ନ ଧୂପ ବଢ଼ିବା ପରେ  ମଦନମୋହନ ଓ ରାମକୃଷ୍ଣଙ୍କୁ  ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ପ୍ରଦାନ କରିଛନ୍ତି। ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ଝୁଲଣ

ମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଠାକୁରମାନେ ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରି ଲୋକନାଥ ରୋଡ ସ୍ଥିତ ଲବଣୀଖିଆ ମଣ୍ଡପ ବିଜେ କରିଛନ୍ତି। ବନ୍ଦାବନା, ଶୀତଳଭୋଗ ନୀତି ସମାପନ ପରେ ମାର୍କଣ୍ଡ ପୁଷ୍କରିଣୀଠାରେ ମହାପ୍ରଭୁଙ୍କ କାଳୀୟ ଦଳନ ଲୀଳା ନୀତି ସମାପନ ହେବ। ଶୀତଳଭୋଗ ଓ ବନ୍ଦାପନା ହୋଇ ମହାପ୍ରଭୁ ବାହୁଡ଼ା ବିଜେ କରିସାରିବା ପରେ ଜୟବିଜୟ ଦ୍ୱାରଠାରେ ଏକାଦଶୀ ଭୋଗ ଓ ବନ୍ଦାପନା ନୀତି ବଢ଼ି ଠାକୁର ଦକ୍ଷିଣୀଘରକୁ ବିଜେ କରିବେ। ଅନ୍ୟାନ୍ୟ ନୀତି ବଢ଼ିବା ପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ କାଳୀୟଦଳନ ବେଶରେ ସଜ୍ଜିତ କରାଯିବ।

## ବଜ୍ରପାତ ମୃତ୍ୟୁ

**ଝାରସୁଗୁଡ଼ା** ଜିଲ୍ଲା କୋଲାବିରା ବ୍ଲକ୍ କାଲିବାହାଲରେ ବଜ୍ରପାତରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଦୁଇଜଣ ଯୁବକ ପ୍ରବଳ ବର୍ଷା ହେବାରୁ ଗଛତଳେ ଆଶ୍ରୟ ନେଇଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା।

# ପାଣିପାଗ

ଦକ୍ଷିଣ ଉପକୂଳ ଓଡ଼ିଶା ଉପରେ ରହିଥିବା ଅବପାତ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଘଣ୍ଟାପ୍ରତି ୧୧ କିଲୋମିଟର ବେଗରେ ଗତି କରିବା ସହ ଆଜି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଉପରେ କେନ୍ଦ୍ରୀଭୂତ ହୋଇଛି। ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ଲାଗିରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ ଅତି

ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ୨୮ଟି ଜିଲ୍ଲାରେ ବିଜୁଳି ଘଡଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି।